## ରବି ରାୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା

ବାଲିପାଟଣା,(ଡି.ଏନ୍.ଏ.): ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ପ୍ରଥମ ପ୍ରତିମୂର୍ତ୍ତି ତାଙ୍କ ଜନ୍ମସ୍ଥାନ ବାଲିପାଟଣା ଭଅଁରାଗଡ ନିକଟ ବନମାଳୀପୁର ଗୋପବନ୍ଧୁ ପାଠାଗାର ପରିସରରେ ସ୍ଥାପନ କରାଯିବ। ଏଥିପାଇଁ ବୁଧବାର ଭୂମିପୂଜା ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ଅତିଥିଭାବେ ଡ. ଅବଦୁଲ ଓସିଦ ଖାଁ, ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ମନୋରଞ୍ଜନ ରାୟ, ସ୍ମୃତି ସଂସଦ ସମ୍ପାଦକ ଭଗବାନ ସାହୁ, କାଶୀନାଥ ବାରିକ, ପ୍ରଶାନ୍ତ ପାତ୍ର ଅତିଥିଭାବେ ଯୋଗଦେଇଥିଲେ। ପାଠାଗାର ଉପସଭାପତି ରମେଶ ଚନ୍ଦ୍ର ସାହୁ ଓ ସହସମ୍ପାଦକ ସୁକାନ୍ତ ସାହୁ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସିଏସ୍‌ସି ଏସ୍‌ପିଭି ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା, ସୂଚନା ଭବନ, କନଫରେନ୍ସ ହଲ, ପୂର୍ବାହ୍ନ ୧୧ଟା।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଗାନ୍ଧୀ କଥା ଓ ଜୀବନୀ ନେଇ ଫଟୋ ପ୍ରଦର୍ଶନୀ, ଲାଇବ୍ରେରି ବିଲ୍ଡିଂ ପରିସର, ପୂର୍ବାହ୍ନ ୧୧ଟା।
- ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଗାନ୍ଧୀବାଦୀ ସମ୍ମିଳନୀ, ରାଜ୍ୟ ସ୍କାଟଉଟ ଓ ଗାଇଡ୍ କାର୍ଯ୍ୟାଳୟ ପରିସର, କ୍ୟାପିଟାଲ ହାଇସ୍କୁଲ ନିକଟ, ଅପରାହ୍ନ ୫ଟା ୩୦।

## ସଂକ୍ଷେପରେ

### କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଦାତବ୍ୟ ବିତରଣ

ଭୁବନେଶ୍ୱର,୧।୧୨(ବ୍ୟୁରୋ): ସାଭେକ୍ସ ଟେକ୍ନୋଲୋଜି ଏବଂ ଫ୍ରିଡମ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାମକୃଷ୍ଣ ମିଶନଠାରେ ଏକ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଦାତବ୍ୟ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାଭେକ୍ସ ଟେକ୍ନୋଲୋଜିର ପ୍ରତିଷ୍ଠାତା ଅନିଲ ଜଗାଶିଆଙ୍କ ତତ୍ତ୍ୱାବଧାନରେ ଫ୍ରିଡମ୍ ଟ୍ରଷ୍ଟର ପ୍ରତିଷ୍ଠାତା ଡ. ଏସ୍ ସୁନ୍ଦର, ରବି ଆୟାଙ୍ଗର, ସାଭେକ୍ସ ଟେକ୍ନୋଲୋଜିର ଅନ୍ୟ ପଦାଧିକାରୀ ଲତା ଯୋଶୀ, ସୁଜିତ କୁମାର ଦାସ ଏବଂ ରାମକୃଷ୍ଣ ମିଶନ ମଠରେ ସ୍ୱାମୀ ଆତ୍ମପ୍ରଭାନନ୍ଦ ଜୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସାଭେକ୍ସ ଟେକ୍ନୋଲୋଜି ଏବଂ ସଞ୍ଚାର ପ୍ରଦ୍ୟୋଗୀକ ସଂସ୍ଥା ୨୦୧୭ରୁ ଫ୍ରିଡମ୍ ଟ୍ରଷ୍ଟ ସହିତ ମିଶି ଦିବ୍ୟାଙ୍ଗଙ୍କୁ ସାହାଯ୍ୟ କରି ଆସୁଛି। ଅକ୍ଟୋବର ୨୮ରୁ ନଭେମ୍ବର ୧ ମଧ୍ୟରେ ହିତାଧିକାରୀଙ୍କୁ ଚୟନ କରାଯାଇ ନିଃଶୁଳ୍କ ଅଙ୍ଗ ପ୍ରଦାନ କରାଯାଇଥିଲା। ସାଭେକ୍ସ ଟେକ୍ନୋଲୋଜି ଭୁବନେଶ୍ୱର ଶାଖାର ପରିଚାଳକ ସୁଜିତ କୁମାର ଦାସ ପରିଚାଳନାରେ ସହାୟତା ପାଇଁ ରାମକୃଷ୍ଣ ମିଶନ, ଫ୍ରିଡମ୍ ଟ୍ରଷ୍ଟ, ଦି ଟ୍ରଷ୍ଟ ଡାମିଏନ୍ ସୋଶିଆଲ ଡେଭେଲପ୍‌ମେଣ୍ଟ ଇନଷ୍ଟିଚ୍ୟୁଟ୍, ମିସନାରିଜି ଅଫ ଚାରିଟି ଗାନ୍ଧୀ ଶାନ୍ତି ନିବାସ ରିହାବିଲିଟେଶନ୍ ଲେପ୍ରୋସି ସେଣ୍ଟର, କରୁଣାଳୟ ଲେପ୍ରୋସି କେୟାର ସେଣ୍ଟରକୁ ଧନ୍ୟବାଦ ଦେଇଥିଲେ।

### ଏଡ୍‌ସ ନିରାକରଣ ନେଇ ଆଲୋଚନା

ବାଲିଅନ୍ତା,୧।୧୨(ଡି.ଏନ୍.ଏ.):ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ ପକ୍ଷରୁ ଆୟୋଜିତ ଉତ୍ସବରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍‌ସର ଭୟବହତା ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ଡ. ଧରଣୀଧର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଧୀରେନ କୁମାର କର, ସ୍ୱାଧୀ ଶର୍ମିଷ୍ଠା ଓ ଡା.ପ୍ରଜ୍ଞାପାରମିତା ବରିଶଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଡ୍‌କ୍ରସ କାଉନସିଲର ରଶ୍ମିରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅଧାପିକା ଜୟନ୍ତୀବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ। ସଭାକୁ ପିତାମ୍ବର ପାତ୍ର, ମଧୁସ୍ମିତା ନାୟକ, ତୃପ୍ତିପ୍ରଭା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ୪୦ଜଣ ୟୁଥ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସେହିପରି ସତ୍ୟଭାମା ଦେବୀ ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ସତ୍ୟଭାମା ଦେବୀ ମୂକ-ବଧିର ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ନିରୋଜାଲକ୍ଷ୍ମୀ ମହାପାତ୍ର ଏଚ୍‌ଆଇଭି ଏଡ୍‌ସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଧାପିକା ମୀନାକ୍ଷୀ ଶେଷାଦ୍ରି ମଲ୍ଲ ସାଙ୍କେତିକ ଭାଷାରେ ଅବଗତ କରାଇଥିଲେ। ଅଧାପକ ପୂର୍ଣ୍ଣେନ୍ଦୁ ଶେଖର ପରିଡା ଧନ୍ୟବାଦ ଦେଇଥିଲେ।






କୋଣାର୍କ ଉତ୍ସବ ସହ ଚନ୍ଦ୍ରଭାଗା ବେଳାଭୂମିରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବକୁ ଉଦ୍‌ଘାଟନ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

# ଗଜାନନ ସ୍ତୁତି, ନୃତ୍ୟାଭିନୟରୁ ଆରମ୍ଭ

## କୋଣାର୍କ ଉତ୍ସବ ଉଦ୍‌ଘାଟିତ

■ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବ ଭାଗ ନେଲେ ୧୦୦

କୋଣାର୍କ,୧।୧୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଭିଡ୍ କଟକଣାରେ ୩୨ତମ କୋଣାର୍କ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ଉତ୍ସବ ୨୦୨୧ରେ ପ୍ରମୁଖ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍‌ଘାଟନୀ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଦିଲ୍ଲୀ ଅବସ୍ଥାପିତ ଓଡ଼ିଶୀ ନୃତ୍ୟା ବିଦୂଷୀ ମାଧବୀ ମୁଦ୍ଗଲ ଓ ସାଥୀ ଲାସ୍ୟ ଓ ତାଣ୍ଡବ ନୃତ୍ୟ ଶୈଳୀରେ ସମୃଦ୍ଧ ନର୍ତ୍ତନ ଗଣେଶ ଉପସ୍ଥାପିତ କରିଥିଲେ। ପରେ ମାଧବୀଙ୍କ ଦ୍ୱିତୀୟ ପ୍ରସ୍ତୁତି ଥିଲା ଶୁଦ୍ଧ ନୃତ୍ୟ ପଲ୍ଲବୀ। କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ରଚିତ ବାତ୍ସଲ୍ୟରସ ଆଧାରିତ 'ଉଠିଲୁ ଏଡେ ବେଗେ କାହିଁକିରେ' ଦୁଃଖୀଧନର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଓଡ଼ିଶୀର ଅନ୍ତିମ ଉପସ୍ଥାପନାରେ ପରିବେଷିତ ହୋଇଥିଲା ତ୍ରୟି। ହିନ୍ଦୁସ୍ଥାନୀ ସଙ୍ଗୀତ ଆଧାରିତ ବସନ୍ତ ବାହାର ଓ ତାଳ-ତିନତାଲ ଉପରେ ପର୍ଯ୍ୟବସିତ ଥିଲା। ଅନ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିର୍ଦ୍ଦେଶକ ଅରୁଣ ମଲ୍ଲିକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ପରିଚାଳିକା ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ।



କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଗ୍ରୀଷ୍ମ ଓ ବର୍ଷା ଋତୁର ବର୍ଣ୍ଣନାରେ ଏହି ନୃତ୍ୟ ସଂଯୋଜନା ବେଶ ମନଛୁଆଁ ଥିଲା।

ଦ୍ୱିତୀୟ ଚରଣରେ କଥକ ନୃତ୍ୟଶିଳ୍ପୀ ଭାସ୍ୱତୀ ମିଶ୍ର ଓ ସାଥୀମାନେ ଶିବ ପଞ୍ଚାକ୍ଷର ନୃତ୍ୟ କରିଥିଲେ। ଏହାପରେ ମଞ୍ଚସ୍ଥ ହୋଇଥିଲା ରସମଞ୍ଜରୀ, ସ୍ୱାଧୀନ ପତ୍ନିକା ଖଣ୍ଡିତା ଓ ବାସକସଜ୍ଜିକା ନାୟିକାର ନିଖୁଣ ପ୍ରକାଶ ଏକ ଭିନ୍ନ ଆବେଗ ସୃଷ୍ଟି କରିଥିଲା। କଥକର ଅନ୍ତିମ ଉପସ୍ଥାପନା ଥିଲା ତରନ୍ନା ଯାହା ରାଗ-

ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସଂହତି ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଚନ୍ଦ୍ରଭାଗା ବେଳାଭୂମିରେ ୧୦ମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକୁ ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ, କ୍ରୀଡା ମନ୍ତ୍ରୀ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବାଲୁକା ଶିଳ୍ପୀଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକା କଳା ଷ୍ଟଲ ଓ ଫଟୋ ଗ୍ୟାଲେରି ବୁଲି ଦେଖିଥିଲେ। ମହୋତ୍ସବରେ ଓଡ଼ିଶା ତଥା ବିଭିନ୍ନ ରାଜ୍ୟରୁ ୧୦୦ଜଣ ବାଲୁକା ଶିଳ୍ପୀ ଯୋଗଦେବା ସହ ୩୦ଟି ବାଲୁକା ଷ୍ଟଲ ପ୍ରଦର୍ଶିତ ହୋଇଛି। ବାଲୁକା ଶିଳ୍ପୀମାନେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ଉପରେ ସୁନ୍ଦର ବାଲୁକା କଳାକୃତି ପର୍ଯ୍ୟଟକଙ୍କ ମନକୁ ବେଶ୍ ଛୁଇଁଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ପି କନଓ୍ୱର ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଡିଏସ୍‌ପି ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ବଟାନିକାଲ ଗାର୍ଡେନରେ ବଣଭୋଜି ଆରମ୍ଭ

ବାରଙ୍ଗ,୧।୧୨(ଡି.ଏନ୍.ଏ.)

ଦୀର୍ଘଦିନର ବ୍ୟବଧାନ ପରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବା ବଟାନିକାଲ ଗାର୍ଡେନରେ ବୁଧବାରଠାରୁ ବଣଭୋଜି ଆରମ୍ଭ ହୋଇଛି। ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଖୋଲିବାର ୩ ମାସ ପରେ ବଣଭୋଜିକୁ ଅନୁମତି ଦେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ପ୍ରାକୃତିକ ପରିବେଶ ସାଙ୍ଗକୁ ବଣଜଙ୍ଗଲ ଘେରା ପରିବେଶରେ ବଣଭୋଜି କରିବାର ନିଆରା ଆନନ୍ଦ ପାଇଁ ବେଶ୍ ଉତ୍ସାହିତ ରହିଥାନ୍ତି ପର୍ଯ୍ୟଟକ। ସେଥିପାଇଁ ପର୍ଯ୍ୟଟନ ଋତୁରେ ବଟାନିକାଲ ଗାର୍ଡେନରେ ବଣଭୋଜି କରିବା ପାଇଁ ବେଶ୍ ଆଗ୍ରହ ସହ ଗହଳି ମଧ୍ୟ ରହିଥାଏ। ବୁଧବାର ପ୍ରାଥମିକ ଭାବେ ସୀମିତ ପର୍ଯ୍ୟଟକଙ୍କୁ ନେଇ ବଣଭୋଜି ପାଇଁ ଅନୁମତି ଦିଆଯାଇଥିଲା। ପର୍ଯ୍ୟଟକ ମଧ୍ୟ ବେଶ୍ ଖୁସି ହୋଇ ବଣଭୋଜି କରିବାର ମଜା ଉଠାଇଥିଲେ। ତେବେ କୋଭିଡ୍ କଟକଣା ମାନି ପର୍ଯ୍ୟଟକମାନେ ବଣଭୋଜି କରିଥିଲେ। ଅନ୍‌ଲାଇନରେ ବଣଭୋଜି ପାଇଁ ପିଣ୍ଡି ବୁକିଂ କରିବାକୁ ପରାମର୍ଶ ଦିଆଯାଇଥିଲା। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ବେଶି ପରିମାଣର ଗହଳି ନ କରିବା ପାଇଁ ବଣଭୋଜି ସ୍ଥଳରେ ରହିଥିବା ୬୪ଟି ପିଣ୍ଡି ମଧ୍ୟରୁ ୩୨ଟି ପିଣ୍ଡିରେ ଭୋଜି କରିବାକୁ ଅନୁମତି ଦେଇଛନ୍ତି କର୍ତ୍ତୃପକ୍ଷ। ଯଦିଓ ପ୍ରଥମଦିନରେ ବଣଭୋଜିସ୍ଥଳ ଖାଁଖାଁ ଲାଗିଥିଲା ତଥାପି ୨/୩ଟି ଛୋଟଛୋଟ ଗ୍ରୁପ ସପରିବାରେ ଅଫ୍‌ଲାଇନରେ ଟିକେଟ କାଟି ବଣଭୋଜି କରିଥିଲେ।

## ଭାଲୁ ତାରାର ଶାବକ ଜନ୍ମ

ବାରଙ୍ଗ,୧।୧୨(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଭାଲୁ ସଫାରିରେ ରହୁଥିବା ମାଈ ଦେଶୀଭାଲୁ ତାରା ବୁଧବାର ସକାଳେ ଗୋଟିଏ ଶାବକ ଜନ୍ମ ଦେଇଛି। ଏହି ଶାବକଟି ଜନ୍ମହେବା ପରେ ସେମାନଙ୍କ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ତହିଁ ମଧ୍ୟରେ ଏନକ୍ଲୋଜରରେ ୬ ଓ ସଫାରିରେ ନବଜାତ ଶାବକକୁ ମିଶାଇ ୧୧ ଅଛନ୍ତି। ସେମାନଙ୍କ ମଧ୍ୟରେ ୧୧ ଅଣ୍ଡିରା, ୫ ମାଈ ଓ ନବଜାତକ ଶାବକର ଲିଙ୍ଗ ଚିହ୍ନଟ ହୋଇ ନାହିଁ। ତେବେ ବର୍ତ୍ତମାନ ମାଆ ଓ ନବଜାତକ ଛୁଆ ସୁସ୍ଥ ଅଛନ୍ତି।

# ଫଳପ୍ରଦ ହେଉନି ଅନ୍‌ଲାଇନ କ୍ଲାସ୍

ରେଡିଓ ପାଠଶାଳାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୯.୪୭% ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

କରୋନା ପାଇଁ ଗତବର୍ଷ ମାର୍ଚ୍ଚରୁ ରାଜ୍ୟରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯାଇଥିଲା। ଏହାପରେ ରାଜ୍ୟ ସରକାର ପିଲାଙ୍କ ପାଇଁ ଅନ୍‌ଲାଇନ୍ ପାଠପଢ଼ା ବ୍ୟବସ୍ଥା କରିଥିଲେ। ତେବେ ସଂକ୍ରମଣ ସ୍ଥିତିରେ ଧୀରେ ଧୀରେ ସୁଧାର ଆସିବା ପରେ ସରକାର ପର୍ଯ୍ୟାୟକ୍ରମେ ଶିକ୍ଷାନୁଷ୍ଠାନ ଖୋଲିଛନ୍ତି। ପ୍ରଥମେ ଦଶମ ଓ ଦ୍ୱାଦଶ, ପରେ ନବମ ଓ ଏକାଦଶ ଏବଂ ଏହାପରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ପାଠପଢ଼ା ଆରମ୍ଭ ହୋଇଛି। ଏଥିସହ ଅନ୍‌ଲାଇନ୍ ପାଠପଢ଼ା ମଧ୍ୟ ଜାରି ରହିଛି। ଟେଲିଭିଜନ, ୟୁଟ୍ୟୁବ୍ ଓ ରେଡିଓ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ହେଲେ ଏହି ଅନ୍‌ଲାଇନ୍ ଶିକ୍ଷା ସମସ୍ତ ପାଖରେ ପହଞ୍ଚି ପାରୁନାହିଁ। ଟେଲିଭିଜନରେ ଶିକ୍ଷା ଦର୍ପଣକୁ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୦.୧୦% ପିଲା ଦେଖୁଥିବାବେଳେ ନବମ ଓ ଦଶମ ଶ୍ରେଣୀ ପିଲା ୨୪.୮୩% ଦେଖୁଛନ୍ତି। ସେହିଭଳି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୬.୪୨% ଏବଂ ନବମ ଓ ଦଶମ ଶ୍ରେଣୀର ୩୩.୫୨% ପିଲା ୟୁଟ୍ୟୁବ୍‌ରେ କ୍ଲାସ୍ କରୁଛନ୍ତି। ସେହିପରି ରେଡିଓ ପାଠଶାଳାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୯.୪୭% ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି। ବୁଧବାର ବିଧାନସଭାରେ ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନରେ ଗଣଶିକ୍ଷାମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

# ଖାଓ ଗଳିକୁ 'କ୍ଲିନ୍ ଷ୍ଟ୍ରିଟ୍ ଫୁଡ୍ ହବ୍'ର ମାନ୍ୟତା

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଗତ ମାର୍ଚ୍ଚ ମାସରେ କେନ୍ଦ୍ରୀୟ ଟିମ୍ ଖାଓ ଗଳିର ଖାଦ୍ୟର ମାନ ଯାଞ୍ଚ କରିବାକୁ ଆସିଥିଲେ। ସେହି ସମୟରେ ଭୁବନେଶ୍ୱର ରାମ ମନ୍ଦିର ନିକଟସ୍ଥ ଖାଓ ଗଳିର ଖାଦ୍ୟର ମାନ ଓ ଇସ୍କନ ଭୋଗର ମାନ ଯାଞ୍ଚ ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ଏବେ ରିପୋର୍ଟରେ ଖାଓ ଗଳିକୁ 'କ୍ଲିନ୍ ଷ୍ଟ୍ରିଟ୍ ଫୁଡ୍ ହବ୍'ର ମାନ୍ୟତା ମିଳିଥିବାବେଳେ ଇସ୍କନ ପ୍ରସାଦକୁ 'ଭୋଗ'(ବ୍ଲିସ୍‌ଫୁଲ୍ ହାଇଜେନିକ୍ ଅଫରିଙ୍ଗ୍ ଟୁ ଗଡ୍)ର ମାନ୍ୟତା ମିଳିଛି। ଇସ୍କନର ପ୍ରସାଦ ଲୋକଙ୍କୁ ଦିଆଯାଇଥାଏ। ସାଧାରଣତଃ ଲୋକମାନେ ଭୋଗ ଖାଇବା ପାଇଁ ଆଗ୍ରହ ଦେଖାଇଥାନ୍ତି। ସେଥିପାଇଁ ଏହି ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ରାଜଧାନୀର ଥିବା ଖାଓ ଗଳିରେ ଲୋକେ ଖାଦ୍ୟକୁ ଅଧିକ ପସନ୍ଦ କରନ୍ତି। ଏଥିପାଇଁ ସେଠାରେ ଲୋକମାନେ ବହୁତ ଭିଡ଼ ମଧ୍ୟ ଜମାଇଥାନ୍ତି। ରାଜଧାନୀର ୫ରୁ ୬ଟି ଜାଗାରେ ଖାଓ ଗଳି କରାଯିବାକୁ ଯୋଜନା ଚାଲିଛି।

# ପୂର୍ବତଟ ରେଳପଥର ରେକର୍ଡ ପରିମାଣ ମାଲ୍ ପରିବହନ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଚଳିତ ବର୍ଷ ଏପ୍ରିଲ ପହିଲାରୁ ନଭେମ୍ବର ୩୦ ମଧ୍ୟରେ ପୂର୍ବତଟ ରେଳପଥ ରେକର୍ଡ ପରିମାଣ ୧୫୦.୫୬ ମେଟ୍ରିକ ଟନ୍ ମାଲ ପରିବହନ କରିଛି। ଗତ ଆର୍ଥିକ ବର୍ଷରେ ୧୨୩.୭୨ ମେଟ୍ରିକ ଟନ୍ ରହିଥିଲାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୨୨% ଅଧିକ ଅର୍ଥାତ୍ ୨୬.୮୪ ମେଟ୍ରିକ ଟନ୍ ଅଧିକ ମାଲ ବୋହେଇ କରିପାରିଛି। ଏହି ସମୟ ମଧ୍ୟରେ ଖୋର୍ଦ୍ଧାରୋଡ୍ ଡିଭିଜନରୁ ୧୦୦.୬୫ ମେଟ୍ରିକ ଟନ୍, ୱାଲ୍‌ଟିୟର ଡିଭିଜନରୁ ୪୨.୧୫ ମେଟ୍ରିକ ଟନ୍ ଓ ସମ୍ବଲପୁର ଡିଭିଜନରୁ ୭.୭୬ ମେଟ୍ରିକ ଟନ୍ ମାଲ ପରିବହନ କରାଯାଇଛି। କେବଳ ନଭେମ୍ବରରେ ଏହି ଜୋନ୍ ଗତ ବର୍ଷର ଏହି ସମୟ ମଧ୍ୟରେ ୧୮.୮୪ ଏମ୍‌ଟି ବୋହେଇ କରିଥିବା ବେଳେ ଚଳିତ ବର୍ଷ ୧୯.୭୧ ମେଟ୍ରିକ ଟନ୍ ମାଲ ବୋହେଇ କରିଛି, ଯାହାର ବୃଦ୍ଧିର ପରିମାଣ ୫% । ପୂର୍ବତଟ ରେଳପଥ ଜୋନ ମଧ୍ୟ ଏହି ସମୟ ପାଇଁ ରେଲୱେ ବୋର୍ଡ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ୧୪୫.୫୩ ମେଟ୍ରିକ ଟନ୍‌କୁ ଅତିକ୍ରମ କରିପାରିଛି। ପୂର୍ବତଟ ରେଳପଥର ସମସ୍ତ ୩ ଗୋଟି ଡିଭିଜନ ଯଥା ଖୋର୍ଦ୍ଧାରୋଡ୍, ୱାଲଟିୟର ଓ ସମ୍ବଲପୁର ଜୋନ୍‌ର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଯୋଗୁ ଏହା ସମ୍ଭବ ହୋଇପାରିଛି। ଏହି ସମୟରେ ପୂର୍ବତଟ ରେଳପଥ ୮୪.୯୩ ମେଟ୍ରିକ ଟନ୍‌ର କୋଇଲା, ୫.୨୫ ମେଟ୍ରିକ ଟନ୍‌ର ଷ୍ଟିଲ ପ୍ଲାଣ୍ଟ ପାଇଁ କଞ୍ଚାମାଲ,୧୪.୦୬ ମେଟ୍ରିକ ଟନ୍‌ର ଲୁହା ଓ ଇସ୍ପାତ, ୨୦.୩୭ ମେଟ୍ରିକ ଟନ୍‌ର ଲୁହା ପଥର,୦.୭୫ ମେଟ୍ରିକ ଟନ୍‌ର ସିମେଣ୍ଟ, ୧.୯୮ ମେଟ୍ରିକ ଟନର ଖାଦ୍ୟଶସ୍ୟ, ୩.୩୯ ମେଟ୍ରିକ ଟନ୍‌ର ସାର,୧.୭୪ ମେଟ୍ରିକ ଟନ୍‌ର ପିଓଏଲ, ୨.୭୩ ମେଟ୍ରିକ ଟନ୍‌ର ମାଲକୁ କଣ୍ଟେନରରେ ଓ ୧୪.୯୬ ମେଟ୍ରିକ ଟନ୍‌କୁ ଅନ୍ୟାନ୍ୟ ମାଲ ରୂପେ ପରିବହନ କରିଛି। ମାଲ ପରିବହନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ସଂସ୍ଥାଗୁଡ଼ିକ ହେଲା ତାଳଚେର, ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ, ନୟାଗଡ଼ ଏରିଆ, କେକେ ଲାଇନ, ଷ୍ଟିଲ୍ ପ୍ଲାଣ୍ଟ, ଆଲୁମିନିୟମ ପ୍ଲାଣ୍ଟ ଓ ପୂର୍ବତଟ ରେଳପଥର ଅନ୍ୟାନ୍ୟ ଗନ୍ତବ୍ୟ ସ୍ଥଳ ଭଳି ସ୍ଥାନ ରହିଛି।

## ଖେଳାଳିଙ୍କ ସଂଘର୍ଷର ପୁସ୍ତକ 'ହକି ହିଁ ଜୀବନ'

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଆଦିବାସୀ ଅଧୁଷିତ ସୁନ୍ଦରଗଡ଼ ଜିଲା ଭାରତୀୟ ହକିକୁ ଦେଇଛି ଅନେକ ବିଶ୍ୱସ୍ତରୀୟ ତାରକା । ହକି ଜଗତର ଏହି ଉଜ୍ଜ୍ୱଳ ତାରକାମାନେ କେବଳ ଭାରତୀୟ ହକି ଦଳରେ ପ୍ରତିନିଧିତ୍ୱ କରିନାହାନ୍ତି ବରଂ ଜାତୀୟ ଦଳର ନେତୃତ୍ୱ ନେଇ ହକିକୁ ଏକ ଶିଖରରେ ପହଞ୍ଚାଇ ପାରିଛନ୍ତି। ଓଡ଼ିଆ ଆଦିବାସୀ ଖେଳାଳିଙ୍କ ସଂଘର୍ଷର କାହାଣୀ ଓ ଗୌରବ ଗାଥାକୁ ନେଇ ଓଡ଼ିଆ ସମାଜ ନୂଆଦିଲ୍ଲୀର ପକ୍ଷରୁ ପ୍ରକାଶ ପାଇଛି ପୁସ୍ତକ 'ହକି ହିଁ ଜୀବନ' । ବରିଷ୍ଠ ସାମ୍ବାଦିକ ସତ୍ୟେନ୍ଦ୍ର ପାଲ ସିଂଙ୍କ ରଚିତ ମୂଳ ହିନ୍ଦୀ ପୁସ୍ତକ 'ହକି ହୈ ଜୀନ୍ଦେଗୀ'ର ଏହା ହେଉଛି ଓଡ଼ିଆ ଅନୁବାଦ। ଓଡ଼ିଶାରେ ୨୦୨୧ ଜୁନିଅର ପୁରୁଷ ହକି ବିଶ୍ୱକପ୍ ଉଦ୍‌ଘାଟନ ସହିତ ଏହି ପୁସ୍ତକଟି ପ୍ରକାଶ ପାଇଛି। ଅର୍ଗସ ଚ୍ୟାନେଲରେ ଏହି ପୁସ୍ତକଟି ଲୋକାର୍ପିତ ହୋଇଛି। ଏହି ଅନୁବାଦ ଓଡ଼ିଆ ଲୋକଙ୍କୁ ଖେଳାଳିଙ୍କ ସମ୍ପର୍କରେ ଅଧିକ ରୋଚକ ତଥ୍ୟ ଦେବା ସହ ଅଖ୍ୟାତ ପଲ୍ଲୀରୁ ଯାଇ ବିଶ୍ୱବିଖ୍ୟାତ ହୋଇଥିବା ଖେଳାଳିଙ୍କ ପାଇଁ ଏକ ସମ୍ମାନ ହେବ ବୋଲି କୁହାଯାଇଛି।




ବିଶ୍ୱ ଏଡ୍‌ସ ଦିବସ ଅବସରରେ ବୁଧବାର ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।



ସରକାରୀ କର୍ମଚାରୀ ଘୋଷଣା ସହ ୫ ଦଫା ଦାବିରେ ବୁଧବାର ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।



କଟକ ରାଣୀହାଟ ପୋଲ ଫୁଟ୍‌ପାଥରେ ମାର୍ଗଶିର ମାସ ଗୁରୁବାର ପାଇଁ ଜଣେ ମହିଳା ଧାନବେଣ୍ଟା ଓ ପୂଜା ସାମଗ୍ରୀ କିଣୁଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ କରି ଖବରଦାତା ଗିରଫ

**ଯାଁଳା/ଜଟଣୀ, ୧।୧୨(ଡି.ଏନ୍.ଏ.):** ଜଟଣୀ ଥାନା ଅଞ୍ଚଳର ଜଣେ ମହିଳାଙ୍କ ସମ୍ପତ୍ତି ହାତେଇବା ଯୋଜନା ବିଫଳ ହେବା ପରେ ଆକ୍ରମଣ କରିଥିବା ଅଭିଯୋଗରେ ବୁଧବାର ପୋଲିସ ଜଣେ ଖବରଦାତାଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀ ରାଜା ବଜାର ଅଞ୍ଚଳର ମହେନ୍ଦ୍ର ସାହୁ ଓରଫ ବିଲ୍ଲୁ। ଏ ନେଇ ପୋଲିସ ଏକ ମାମଲା(ନଂ.୬୪୪/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଉକ୍ତ ମହିଳାଙ୍କ ସ୍ଥାନୀୟ ଯାଁଳା ବଜାରରେ ଏକ ଭେରାଇଟି ଷ୍ଟୋର ରହିଛି। ଗତ ୨୯ ତାରିଖରେ ମହିଳା ଜଣକ ନିଜ ଦୋକାନ ପାଇଁ ଜିନିଷ କିଣିବାକୁ ବଜାର ଯାଇଥିଲେ। ସେଠାରେ ମହେନ୍ଦ୍ର ତାଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ମହିଳା ଟଙ୍କା ଦେବାକୁ ମନା କରିବାରୁ ବଚସା ହୋଇଥିଲା। ସେହିଦିନ ରାତିରେ ମହେନ୍ଦ୍ର ମହିଳାଙ୍କ ଯାଁଳାସ୍ଥିତ ଘରକୁ ଆସି ପୁଣି ଟଙ୍କା ମାଗିଥିଲେ। ପୁଣି ସେ ରାଜି ନ ହେବାରୁ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମହେନ୍ଦ୍ର ମହିଳାଙ୍କୁ ମାଡ଼ ମାରି ଗୋଡ ଭାଙ୍ଗି ଦେଇଥିଲେ। ମହିଳା ଜଣକ ଜଟଣୀ ଥାନା ଓ ଯାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ମହେନ୍ଦ୍ରଙ୍କୁ ଗିରଫ କରିଛି।

### ଟ୍ରେନ୍ ଧକ୍କାରେ ଯୁବକ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା), ୧।୧୨(ଡି.ଏନ୍.ଏ.):** ଟାଙ୍ଗୀ ଥାନା ନିକଟ ପୂର୍ବତଟ ରେଳପଥ ଅନ୍ତର୍ଗତ କାଲୁପଡାଘାଟ ରେଳ ଷ୍ଟେଶନରେ ବୁଧବାର ସକାଳୁ ଏକ ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ବରୁଣପଡା ଗ୍ରାମର ଚିତ୍ତରଞ୍ଜନ ଘଡାଇ(ବୁବୁ)। ସୂଚନାଯୋଗ୍ୟ, ଚିତ୍ତରଞ୍ଜନ କୌଣସି କାର୍ଯ୍ୟରେ ସକାଳୁ ଷ୍ଟେଶନ ଆସି ହୀରାଖଣ୍ଡ ଏକ୍ସପ୍ରେସ ପାଇଁ ୩ ନମ୍ବର ପ୍ଲାଟଫର୍ମରେ ଛିଡ଼ା ହୋଇଥିଲେ। ହେଲେ ଗାଡ଼ିଟି ୧ ନମ୍ବର ପ୍ଲାଟଫର୍ମରେ ଆସିଯାଇଥିବାରୁ ତରବର ହୋଇ ଯିବାବେଳେ ରେଳଧାରଣାରେ ଟ୍ରେନ୍ ସହ ଧକ୍କା ହୋଇଯାଇଥିଲା। ତାଙ୍କର ଗୋଟିଏ ଗୋଡ଼ କଟିଯିବା ସହ ମୁଣ୍ଡରେ ଆଘାତ ଲାଗିଛି। ଖବରପାଇ ଟାଙ୍ଗୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ବଡ଼ପୋଖରିଆ, ବୋଡ଼ଙ୍ଗରାରେ ଶାନ୍ତି ପାଇଁ ବୈଠକ

**ନିରାକାରପୁର, ୧।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆ ପଞ୍ଚାୟତର ବଡପୋଖରିଆ ଏବଂ ବୋଡଙ୍ଗରା ପାଟଣା ଗ୍ରାମ ମଧ୍ୟରେ ଦୀର୍ଘଦିନ ହେବ ରାଜନୈତିକ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ୨ ଗ୍ରାମର ଏହି ହିଂସାକୁ ରୋକିବା ପାଇଁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଜରିଆରେ ବୁଧବାର ବଡ଼ପୋଖରିଆ ହାଇସ୍କୁଲ ପ୍ରାଙ୍ଗଣରେ ଏକ ଶାନ୍ତି ବୈଠକ ହୋଇଯାଇଛି। ବୈଠକରେ ଉଭୟ ଗ୍ରାମର ଗୋଷ୍ଠୀଙ୍କୁ ଏକାଠି ବସାଇ ସମସ୍ତ କଥାକୁ ସମାଧାନ କରାଯାଇ ଆଗାମୀ ଦିନରେ ପଞ୍ଚାୟତରେ କିଭଳି ଶାନ୍ତି ପ୍ରତିଷ୍ଠା ଲାଭକରିବ ତାହା ସର୍ବସମ୍ମତି କ୍ରମେ ନିଷ୍ପତ୍ତି କରାଗଲା। ବୈଠକରେ ୨ ଗ୍ରାମର ଲିଙ୍ଗରାଜ ପାଇକରାୟ, ସଚିନ ବଳିଆରସିଂହ, ଜ୍ୟୋସ୍ନାରାଣୀ ଜେନା, ଦୈତାରି ସାମନ୍ତରାୟ, ହରିବନ୍ଧୁ ମୁଦୁଲି,ପର୍ଶୁରାମ ତ୍ରିପାଠୀ, ବିଷ୍ଣୁଚରଣ ଜେନା, ରବୀନ୍ଦ୍ର ଦଳେଇ, ନବ ପ୍ରଧାନ, ସାଗର ବଳିଆରସିଂହ (ସ୍ଥାନୀୟ ସରପଞ୍ଚ) ଏବଂ ଉଭୟ ଗ୍ରାମର ଶାନ୍ତି କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତେ ଆଗାମୀ ଦିନରେ ୨ ଗ୍ରାମରେ ଶାନ୍ତି ଫେରାଇବା ପାଇଁ ଶପଥ ନେଇଛନ୍ତି।






କୋଣାର୍କ ଉତ୍ସବ ସହ ଚନ୍ଦ୍ରଭାଗା ବେଳାଭୂମିରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବକୁ ଉଦ୍‌ଘାଟନ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

# ଗଜାନନ ସ୍ତୁତି, ନୃତ୍ୟାଭିନୟରୁ ଆରମ୍ଭ

## କୋଣାର୍କ ଉତ୍ସବ ଉଦ୍‌ଘାଟିତ

■ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ଭାଗନେଲେ ୧୦୦

କୋଣାର୍କ,୧।୧୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଭିଡ୍ କଟକଣାରେ ୩୨ତମ କୋଣାର୍କ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ଉତ୍ସବ ୨୦୨୧ରେ ପ୍ରମୁଖ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍‌ଘାଟନୀ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଦିଲ୍ଲୀ ଅବସ୍ଥାପିତ ଓଡ଼ିଶୀ ନୃତ୍ୟା ବିଦୂଷୀ ମାଧବୀ ମୁଦ୍ଗଲ ଓ ସାଥୀ ଲାସ୍ୟ ଓ ତାଣ୍ଡବ ନୃତ୍ୟ ଶୈଳୀରେ ସମୃଦ୍ଧ ନର୍ତ୍ତନ ଗଣେଶ ଉପସ୍ଥାପିତ କରିଥିଲେ। ପରେ ମାଧବୀଙ୍କ ଦ୍ୱିତୀୟ ପ୍ରସ୍ତୁତି ଥିଲା ଶୁଦ୍ଧ ନୃତ୍ୟ ପଲ୍ଲବୀ। କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ରଚିତ ବାତ୍ସଲ୍ୟରସ ଆଧାରିତ 'ଉଠିଲୁ ଏଡେ ବେଗେ କାହିଁକିରେ' ଦୁଃଖୀଧନର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଓଡ଼ିଶୀର ଅନ୍ତିମ ଉପସ୍ଥାପନାରେ ପରିବେଷିତ ହୋଇଥିଲା ତ୍ରୟି। ହିନ୍ଦୁସ୍ଥାନୀ ସଙ୍ଗୀତ ଆଧାରିତ ବସନ୍ତ ଗ୍ରୀଷ୍ମ ଓ ବର୍ଷା ଋତୁର ବର୍ଣ୍ଣନାରେ ଏହି ନୃତ୍ୟ ସଂଯୋଜନା ବେଶ ମନଛୁଆଁ ଥିଲା।

ଦ୍ୱିତୀୟ ଚରଣରେ କଥକ ନୃତ୍ୟଶିଳ୍ପୀ ଭାସ୍ୱତୀ ମିଶ୍ର ଓ ସାଥୀମାନେ ଶିବ ପଞ୍ଚାକ୍ଷର ନୃତ୍ୟ କରିଥିଲେ। ଏହାପରେ ମଞ୍ଚସ୍ଥ ହୋଇଥିଲା ରସମଞ୍ଜରୀ, ସ୍ୱାଧୀନ ପତ୍ନିକା ଖଣ୍ଡିତା ଓ ବାସକସଜ୍ଜିକା ନାୟିକାର ନିଖୁଣ ପ୍ରକାଶ ଏକ ଭିନ୍ନ ଆବେଗ ସୃଷ୍ଟି କରିଥିଲା। କଥକର ଅନ୍ତିମ ଉପସ୍ଥାପନା ଥିଲା ତରନ୍ନା ଯାହା ରାଗ-ବାହାର ଓ ତାଲ-ତିନତାଲ ଉପରେ ପର୍ଯ୍ୟବସିତ ଥିଲା। ଅନ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିର୍ଦ୍ଦେଶକ ଅରୁଣ ମଲ୍ଲିକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ପରିଚାଳିକା ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସଂହତି ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଚନ୍ଦ୍ରଭାଗା ବେଳାଭୂମିରେ ୧୦ମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକୁ ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ, କ୍ରୀଡା ମନ୍ତ୍ରୀ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବାଲୁକା ଶିଳ୍ପୀଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକା କଳା ଷ୍ଟଲ ଓ ଫଟୋ ଗ୍ୟାଲେରି ବୁଲି ଦେଖିଥିଲେ। ମହୋତ୍ସବରେ ଓଡ଼ିଶା ତଥା ବିଭିନ୍ନ ରାଜ୍ୟରୁ ୧୦୦ଜଣ ବାଲୁକା ଶିଳ୍ପୀ ଯୋଗଦେବା ସହ ୩୦ଟି ବାଲୁକା ଷ୍ଟଲ ପ୍ରଦର୍ଶିତ ହୋଇଛି। ବାଲୁକା ଶିଳ୍ପୀମାନେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ଉପରେ ସୁନ୍ଦର ବାଲୁକା କଳାକୃତି ପର୍ଯ୍ୟଟକଙ୍କ ମନକୁ ବେଶ୍ ଛୁଇଁଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ପି କନଓ୍ୱର ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଡିଏସ୍‌ପି ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ବଟାନିକାଲ ଗାର୍ଡେନରେ ଆରମ୍ଭ ହେଲା ବଣଭୋଜି

ବାରଙ୍ଗ,୧।୧୨(ଡି.ଏନ୍.ଏ.)

ଦୀର୍ଘଦିନର ବ୍ୟବଧାନ ପରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବା ବଟାନିକାଲ ଗାର୍ଡେନରେ ବୁଧବାରଠାରୁ ବଣଭୋଜି ଆରମ୍ଭ ହୋଇଛି। ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଖୋଲିବାର ୩ ମାସ ପରେ ବଣଭୋଜିକୁ ଅନୁମତି ଦେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ପ୍ରାକୃତିକ ପରିବେଶ ସାଙ୍ଗକୁ ବଣଜଙ୍ଗଲ ଘେରା ପରିବେଶରେ ବଣଭୋଜି କରିବାର ନିଆରା ଆନନ୍ଦ ପାଇଁ ବେଶ୍ ଉତ୍ସାହିତ ରହିଥାନ୍ତି ପର୍ଯ୍ୟଟକ। ସେଥିପାଇଁ ପର୍ଯ୍ୟଟନ ଋତୁରେ ବଟାନିକାଲ ଗାର୍ଡେନରେ ବଣଭୋଜି କରିବା ପାଇଁ ବେଶ୍ ଆଗ୍ରହ ସହ ଗହଳି ମଧ୍ୟ ରହିଥାଏ। ବୁଧବାର ପ୍ରାଥମିକ ଭାବେ ସୀମିତ ପର୍ଯ୍ୟଟକଙ୍କୁ ନେଇ ବଣଭୋଜି ପାଇଁ ଅନୁମତି ଦିଆଯାଇଥିଲା। ପର୍ଯ୍ୟଟକ ମଧ୍ୟ ବେଶ୍ ଖୁସି ହୋଇ ବଣଭୋଜି କରିବାର ମଜା ଉଠାଇଥିଲେ। ତେବେ କୋଭିଡ୍ କଟକଣା ମାନି ପର୍ଯ୍ୟଟକମାନେ ବଣଭୋଜି କରିଥିଲେ। ଅନ୍‌ଲାଇନରେ ବଣଭୋଜି ପାଇଁ ପିଣ୍ଡି ବୁକିଂ କରିବାକୁ ପରାମର୍ଶ ଦିଆଯାଇଥିଲା। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ବେଶି ପରିମାଣର ଗହଳି ନ କରିବା ପାଇଁ ବଣଭୋଜି ସ୍ଥଳରେ ରହିଥିବା ୬୪ଟି ପିଣ୍ଡି ମଧ୍ୟରୁ ୩୨ଟି ପିଣ୍ଡିରେ ଭୋଜି କରିବାକୁ ଅନୁମତି ଦେଇଛନ୍ତି କର୍ତ୍ତୃପକ୍ଷ। ଯଦିଓ ପ୍ରଥମଦିନରେ ବଣଭୋଜିସ୍ଥଳ ଖାଁଖାଁ ଲାଗିଥିଲା ତଥାପି ୨/୩ଟି ଛୋଟଛୋଟ ଗ୍ରୁପ ସପରିବାରେ ଅଫ୍‌ଲାଇନରେ ଟିକେଟ କାଟି ବଣଭୋଜି କରିଥିଲେ।

### ରବି ରାୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା

ବାଲିପାଟଣା,୧।୧୨(ଡି.ଏନ୍.ଏ.)

ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ପ୍ରଥମ ପ୍ରତିମୂର୍ତ୍ତି ସ୍ଥାପନ ଭୂମିପୂଜା ତାଙ୍କ ଜନ୍ମସ୍ଥାନ ବାଲିପାଟଣାର ଭଅଁରାଗଡ ନିକଟସ୍ଥ ବନମାଳୀପୁର ଗୋପବନ୍ଧୁ ପାଠାଗାର ପରିସରରେ ସ୍ଥାପନ କରାଯିବ ବୋଲି ପାଠାଗାର ଉପସଭାପତି ରମେଶ ଚନ୍ଦ୍ର ସାହୁ କହିଛନ୍ତି। ଏଥିପାଇଁ ବୁଧବାର ପୂର୍ବାହ୍ନରେ ଭୂମିପୂଜା ଶେଷ ହୋଇଛି। ଏହି ଗ୍ରାନାଇଟ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ସେହି ଅଞ୍ଚଳର ଯୁବ ପଥର ଶିଳ୍ପୀ ରବି ବାରିକ ନେଇଛନ୍ତି।

### ପୁଣି ୩୦ କୋଟିର ଚିଟ୍‌ଫଣ୍ଡ ଠକେଇ ଅଭିଯୋଗ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ଏକ ଚିଟ୍‌ଫଣ୍ଡ କମ୍ପାନୀ ଲୋକଙ୍କୁ ପ୍ରଲୋଭନ ଦେଖାଇ ୩୦କୋଟି ଟଙ୍କା ଠକି ନେଇଥିବା କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ବୁଧବାର ଅଭିଯୋଗ ହୋଇଛି। ୩ରୁ ୪ ଜଣ ଜମାକାରୀ ସଂସ୍ଥାର ୪ଜଣ କର୍ମକର୍ତ୍ତାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏନେଇ ଇଓଡବ୍ଲ୍ୟୁ ଅଧିକ ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ୨୦୧୯ରେ ପଶ୍ଚିମବଙ୍ଗ ସମେତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ ଓଡ଼ିଶାର ଅନ୍ୟାନ୍ୟ କେତେକ ଜିଲାରେ ସଂସ୍ଥାର ଏଜେଣ୍ଟମାନେ କାମ କରି ଲୋକଙ୍କୁ ଦୁଇ ବର୍ଷରେ ୨ଗୁଣ ହୋଇଯିବ ବୋଲି ପ୍ରଲୋଭନ ଦେଖାଇ ତାଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ନେଇଥିଲେ। ଟଙ୍କା ଦାଖଲର ୪ମାସ ପରେ କିଛି ଟଙ୍କା ଦେଇ ଲୋକଙ୍କ ବିଶ୍ୱାସଭାଜନ ହୋଇଥିଲେ। ଏପରିକି ଜମାକାରୀଙ୍କୁ କିଛି ସାମଗ୍ରୀ ଦେଇ ବିକ୍ରି କଲେ ମୋଟା ଅଙ୍କର କମିଶନି ମିଳିବ ବୋଲି କମ୍ପାନୀ କହିଥିଲା। ପରେ ସେମାନେ ଅଫିସ ବନ୍ଦ କରି ଫେରାର ହୋଇଯାଇଥିଲେ। ସଂସ୍ଥାର କର୍ମକର୍ତ୍ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଟଙ୍କା ଫେରାଯିବାର ପଦକ୍ଷେପ ନିଆଯାଉ ବୋଲି ୫ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ଜୟ ନାରାୟଣ ମଲ୍ଲିକ ନାମକ ଜଣେ ଜମାକାରୀ କହିଛନ୍ତି।

# ଖୋର୍ଦ୍ଧାରେ ଗୋଇନ୍ଦା ବିଭାଗ ନିଷ୍କ୍ରିୟ

■ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ ବସ୍ତିବାସିନ୍ଦା

■ ଏସ୍‌ପି ଅଫିସ୍‌ରେ ଧସେଇ ପଶିଥିଲେ ଗ୍ରାମବାସୀ

■ ଆନ୍ଦୋଳନ ସମ୍ପର୍କରେ ଆଗୁଆ ସୂଚନା ପାଉନି ପ୍ରଶାସନ

ଖୋର୍ଦ୍ଧା ଅଫିସ, ୧।୧୨

ଖୋର୍ଦ୍ଧାରେ ଗୋଇନ୍ଦା ବିଭାଗ ନିଷ୍କ୍ରିୟ ହୋଇପଡ଼ିଛି। ଜିଲାର ବିଭିନ୍ନ ଆନ୍ଦୋଳନ, ସମ୍ବେଦନଶୀଳ ଘଟଣା ଓ ରାଜନୈତିକ ଘଟଣାବଳୀ ଉପରେ ନଜର ରଖି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ପୂର୍ବରୁ ପ୍ରଶାସନ ଏବଂ ପୋଲିସକୁ ସୂଚନା ଦେଇ ସଜାଗ କରାଇବା ହେଉଛି ଗୋଇନ୍ଦା ବିଭାଗର କାର୍ଯ୍ୟ। ତେବେ ଖୋର୍ଦ୍ଧା ଜିଲାରେ ଅନେକ ସମୟରେ ଗୋଇନ୍ଦା ବିଭାଗର ଅବହେଳା ଯୋଗୁ ପ୍ରଶାସନକୁ ଆଗୁଆ ସୂଚନା ମିଳିପାରୁନାହିଁ। ବିଭିନ୍ନ ସମୟରେ ଏସ୍‌ପି ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆନ୍ଦୋଳନକାରୀ ଧସେଇ ପଶୁଥିବାବେଳେ ଗୋଇନ୍ଦା ବିଭାଗ ନିକଟରେ ଖବର ରହୁନାହିଁ।

ପ୍ରକାଶ ଯେ, ଜଟଣୀ ରେଲୱେ ବସ୍ତିର ପ୍ରାୟ ଦୁଇଶହ ବାସିନ୍ଦା ଥଇଥାନ ଦାବିରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ପରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ପହଞ୍ଚି ସେମାନଙ୍କୁ କାର୍ଯ୍ୟାଳୟ ପରିସରରୁ ବାହାର କରିଥିଲା। କିଛିଦିନ ତଳେ କୁମ୍ଭିଲୋ ଗ୍ରାମରୁ ନିଖୋଜ ହୋଇଥିବା ଜଣେ ଯୁବକଙ୍କୁ ଉଦ୍ଧାର ଦାବିରେ ୫ଶହରୁ ଊର୍ଦ୍ଧ୍ୱ ପରିବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ଫଳରେ ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ସେହିପରି ଗତ ମାସରେ କୁମ୍ଭିଲୋ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ମହିଳା ଗାଁ ପୋଖରୀ ନିଲାମ ବିବାଦକୁ କେନ୍ଦ୍ରକରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବୋଲଗଡ଼ ବ୍ଲକ ଅଧୀନ ୫ଟି ଗ୍ରାମର ଶତାଧିକ ଚାଷୀ ଗଜାଧାନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରାୟ ଏକଘଣ୍ଟା ଧାରଣା ଦେଇଥିଲେ। ବିଳମ୍ବରେ ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲା। ଏସବୁ ନେଇ ଗୋଇନ୍ଦା ଅଧିକାରୀଙ୍କ ପାଖରେ ଆଗୁଆ ସୂଚନା ଥିଲା କି ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଏଠାରେ ଜଣେ ଇନ୍ସପେକ୍ଟରଙ୍କ ସମେତ ୪ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଏହାସତ୍ତ୍ୱେ ପ୍ରଶାସନ କିପରି ଆନ୍ଦୋଳନ ଏବଂ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଗୁଆ ସୂଚନା ପାଇପାରୁ ନାହିଁ ତାହା ବୁଝାପଡୁନାହିଁ। ଏହା ପ୍ରଶାସନ ଓ ଗୋଇନ୍ଦା ବିଭାଗ ମଧ୍ୟରେ ସମନ୍ୱୟର ଅଭାବକୁ ଇଙ୍ଗିତ କରୁଛି। ଏପରି ସ୍ଥିତିରେ ଦୀର୍ଘ ବର୍ଷ ଧରି ଏଠାରେ ଗାଦି ମାଡ଼ି ବସିଥିବା ଜଣେ ଅଧିକାରୀଙ୍କୁ ହଟାଯାଇ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଏ ନେଇ ଏସ୍‌ଡିପିଓ ସୁଶିଲ ମିଶ୍ର କହିଛନ୍ତି, ବେଳେବେଳେ ଆନ୍ଦୋଳନକାରୀମାନେ ବିନା ଅନୁମତିରେ ପହଞ୍ଚି ଯାଉଛନ୍ତି। ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଏସ୍‌ପି ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଧିକ ସଂଖ୍ୟକ ପୋଲିସ ମୁତୟନ କରାଯିବ।

# ନକଲି ମୋବାଇଲ ଫୋନ୍ ବିକ୍ରି: ୨ ଗିରଫ

■ ୨୮ ମୋବାଇଲ, ୨ ବାଇକ, ୪ ପାୱାର ବ୍ୟାଙ୍କ, ରସିଦ ବହି ଜବତ

■ ମଧ୍ୟପ୍ରଦେଶରୁ ଆସି କାରବାର କରୁଥିଲେ, ହୋଟେଲରୁ ଧରାପଡ଼ିଲେ



ଖୋର୍ଦ୍ଧା ଅଫିସ,୧।୧୨

ଖୋର୍ଦ୍ଧା ଅଞ୍ଚଳରେ ନାମୀଦାମୀ କମ୍ପାନୀ ନାଁରେ ନକଲି ବ୍ରାଣ୍ଡର ମୋବାଇଲ ଫୋନ୍ ବିକ୍ରି କରାଯାଉଛି। ମଧ୍ୟପ୍ରଦେଶରୁ ଆସି ଏଠାରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ନାଁରେ ଲୋକଙ୍କୁ ଚଢ଼ାଦରରେ ମୋବାଇଲ ଫୋନ୍ ବିକ୍ରି କରୁଥିବା ଅଭିଯୋଗରେ ୨ଜଣଙ୍କୁ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମଧ୍ୟପ୍ରଦେଶ ଖଣ୍ଡୱା ଜିଲାର ପପୁ ଚୌହାନ(୩୨) ଏବଂ ଦିଲୀପ ଯାଦବ(୧୯)। ସେମାନଙ୍କଠାରୁ ୨ଟି ବାଇକ (ନଂ. ଏମ୍‌ପି ୧୨ ଏମ୍‌ଏକ୍ସ ୬୬୪୧ ଏବଂ ଏମ୍‌ପି ୧୨-ଏମ୍‌ଭି ୬୨୧୧), ୨୮ଟି ନକଲି ମୋବାଇଲ ଫୋନ, ୪ଟି ପାୱାର ବ୍ୟାଙ୍କ ଏବଂ ରସିଦ ବହି ଜବତ କରାଯାଇଛି। ଏନେଇ ଦଫା ୪୨୦ ଓ ୩୪ ଆଇପିସିରେ ଏକ ମାମଲା (ନଂ. ୪୮୮/୨୧) ରୁଜୁ ହୋଇଛି।

ଓଡ଼ିଶା ବାହାରୁ ଆସି ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳରେ କେତେଜଣ ବ୍ୟକ୍ତି ନାମୀ କମ୍ପାନୀର ମୋବାଇଲ ଫୋନ ଅତ୍ୟଧିକ ଦାମ୍‌ରେ ବିକ୍ରି କରୁଥିବା ନେଇ ଖୋର୍ଦ୍ଧା ପୋଲିସ ପାଖରେ ଖବର ପହଞ୍ଚିଥିଲା। ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିବା ପରେ ପୋଲିସ ଏହି ର୍‍ୟାକେଟକୁ ଧରିବା ପାଇଁ ଜାଲ ବିଛାଇଥିଲା। ଏସ୍‌ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ସୁଶିଲ ମିଶ୍ର ଓ ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅଭିଯୁକ୍ତ ଦ୍ୱୟ ଏକ ହୋଟେଲ ଥିବା ସୂଚନା ପାଇ ଟିମ୍ ସେଠାରେ ଚଢାଉ କରିଥିଲା। ସେମାନଙ୍କୁ ପଚରାଉଚୁରା ବେଳେ ଉଭୟେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପୋଲିସ ସେମାନଙ୍କଠାରୁ ଉପରୋକ୍ତ ସାମଗ୍ରୀ ଜବତ କରିବା ସହ ଦୁହିଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।




ବିଶ୍ୱ ଏଡ୍‌ସ ଦିବସ ଅବସରରେ ବୁଧବାର ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।



ସରକାରୀ କର୍ମଚାରୀ ଘୋଷଣା ସହ ୫ ଦଫା ଦାବିରେ ବୁଧବାର ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।



କଟକ ରାଣୀହାଟ ପୋଲ ଫୁଟ୍‌ପାଥରେ ମାର୍ଗଶିର ମାସ ଗୁରୁବାର ପାଇଁ ଜଣେ ମହିଳା ଧାନବେଣ୍ଟା ଓ ପୂଜା ସାମଗ୍ରୀ କିଣୁଛନ୍ତି।




୦୧|୧୨|୨୦୨୧

| ୪,୬୦,୫୧୪ ଟଙ୍କା | |
|---|---|
| ସୁନା | ୭.୨୦୦ ଗ୍ରାମ |
| ରୁପା | ୯୧ ଗ୍ରାମ |

## ଆଜି କ'ଣ କେଉଁଠି

**କୋଣାର୍କ**

- କୋଣାର୍କ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ, ଚନ୍ଦ୍ରଭାଗା, ସନ୍ଧ୍ୟା ୬ଟା।

**ପୁରୀ**

- ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ଦାବିରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ମାନବାଧିକାର ସୁରକ୍ଷା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ବୃକ୍ଷ ବଞ୍ଚିଲେ ମାନବ ସଭ୍ୟତା ତିଷ୍ଠିବ

ଡେଲାଙ୍ଗ,୧।୧୨(ଡି.ଏନ୍.ଏ.)- ଡେଲାଙ୍ଗର ଗଡେଶ୍ୱର ଦେବ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଆଳିପଡା ସରପଞ୍ଚ କାଳନ୍ଦୀ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷ ବଞ୍ଚି ରହିଲେ ମାନବ ସଭ୍ୟତା ତିଷ୍ଠି ରହବ ବୋଲି କହିବା ସହ ଚାରା ଲଗାଇବା ଦିଗରେ ସଚେତନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଏବିଇଓ ଲକ୍ଷ୍ମଣ ପ୍ରଧାନ, ନୂତନ ପରିଚାଳନା କମିଟି ସଭାପତି ମହେନ୍ଦ୍ର ବିଶ୍ୱାଳ, ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ପରିଡା, ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ, ଶିକ୍ଷକ ମନୋରଞ୍ଜନ ଜେନା, ନିରଞ୍ଜନ ସାହୁ, ଜଗବନ୍ଧୁ ବେହେରା, ସୁଧୀର ଜେନା, ସତ୍ୟନାରାୟଣ ସୋରେନ, ଶିକ୍ଷୟିତ୍ରୀ ଗୀତାରାଣୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶ୍ରୀଧର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସିଆଇସିସି ଦୁର୍ଯ୍ୟୋଧନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଏଡ୍‌ସ ସଚେତନତା

ପୁରୀ ଅଫିସ, ୧।୧୨: ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧକ୍ଷା ଡ. ସୁଜାତା ମିଶ୍ର ସଚେତନତା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ସିଂ, ବିଶ୍ୱଜିତ ସାହୁ, କ୍ଷେତ୍ରମୋହନ ଜେନା, ଅଙ୍କିତା ପ୍ରିୟଦର୍ଶିନୀ ଏବଂ ଓମ୍‌ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାଲିଗୁଆଳିସ୍ଥିତପ୍ରିୟଙ୍କା ଦେବୀ ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସ୍କୁଲ ପରିସରରୁ ଏହି ଶୋଭାଯାତ୍ରା ବାହାରି ବାଲିଘାଟ ଭୁଦାନ ଅଞ୍ଚର ପରିକ୍ରମା କରିଥିଲା। ପରେ ସ୍କୁଲ ପରିସରରେ ସଭା ଆୟୋଜନ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧକ୍ଷା ଦୁଃଖି ଦେଈ, ଉପାଧକ୍ଷା ମଧୁସ୍ମିତା ରଥ, ସମ୍ପାଦକ ବାବୁଲା ବେହେରା, ଶିକ୍ଷକ ଅର୍ଚ୍ଚନା ପଣ୍ଡା, ଅରୁନ୍ଧତୀ ସ୍ୱାଇଁ, କାଳିପ୍ରସନ୍ନ ମିଶ୍ର, ବିରଞ୍ଚି ନାରାୟଣ ପଟ୍ଟନାୟକ, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।






କୋଣାର୍କ ଉତ୍ସବ ସହ ଚନ୍ଦ୍ରଭାଗା ବେଳାଭୂମିରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବକୁ ଉଦ୍‌ଘାଟନ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

# ଗଜାନନ ସ୍ତୁତି, ନୃତ୍ୟାଭିନୟରୁ ଆରମ୍ଭ

## କୋଣାର୍କ ଉତ୍ସବ ଉଦ୍‌ଘାଟିତ

■ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ଭାଗନେଲେ ୧୦୦

କୋଣାର୍କ,୧।୧୨(ଡି.ଏନ୍.ଏ.)



କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଭିଡ୍ କଟକଣାରେ ୩୨ତମ କୋଣାର୍କ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ଉତ୍ସବ ୨୦୨୧ରେ ପ୍ରମୁଖ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍‌ଘାଟନୀ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଦିଲ୍ଲୀ ଅବସ୍ଥାପିତ ଓଡ଼ିଶୀ ନୃତ୍ୟା ବିଦୂଷୀ ମାଧବୀ ମୁଦ୍ଗଲ ଓ ସାଥୀ ଲାସ୍ୟ ଓ ତାଣ୍ଡବ ନୃତ୍ୟ ଶୈଳୀରେ ସମୃଦ୍ଧ ନର୍ତ୍ତନ ଗଣେଶ ଉପସ୍ଥାପିତ କରିଥିଲେ। ପରେ ମାଧବୀଙ୍କ ଦ୍ୱିତୀୟ ପ୍ରସ୍ତୁତି ଥିଲା ଶୁଦ୍ଧ ନୃତ୍ୟ ପଲ୍ଲବୀ। କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ରଚିତ ବାତ୍ସଲ୍ୟରସ ଆଧାରିତ 'ଉଠିଲୁ ଏଡେ ବେଗେ କାହିଁକିରେ' ଦୁଃଖୀଧନର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଓଡ଼ିଶୀର ଅନ୍ତିମ ଉପସ୍ଥାପନାରେ ପରିବେଷିତ ହୋଇଥିଲା ତ୍ରୟି। ହିନ୍ଦୁସ୍ଥାନୀ ସଙ୍ଗୀତ ଆଧାରିତ ବସନ୍ତ ଗ୍ରୀଷ୍ମ ଓ ବର୍ଷା ଋତୁର ବର୍ଣ୍ଣନାରେ ଏହି ନୃତ୍ୟ ସଂଯୋଜନା ବେଶ ମନଛୁଆଁ ଥିଲା।

ଦ୍ୱିତୀୟ ଚରଣରେ କଥକ ନୃତ୍ୟଶିଳ୍ପୀ ଭାସ୍ୱତୀ ମିଶ୍ର ଓ ସାଥୀମାନେ ଶିବ ପଞ୍ଚାକ୍ଷର ନୃତ୍ୟ କରିଥିଲେ। ଏହାପରେ ମଞ୍ଚସ୍ଥ ହୋଇଥିଲା ରସମଞ୍ଜରୀ, ସ୍ୱାଧୀନ ପତ୍ତିକା ଖଣ୍ଡିତା ଓ ବାସକସଜ୍ଜିକା ନାୟିକାର ନିଖୁଣ ପ୍ରକାଶ ଏକ ଭିନ୍ନ ଆବେଗ ସୃଷ୍ଟି କରିଥିଲା। କଥକର ଅନ୍ତିମ ଉପସ୍ଥାପନା ଥିଲା ତରନ୍ନା ଯାହା ରାଗ–ବାହାର ଓ ତାଳ–ତିନତାଲ ଉପରେ ପର୍ଯ୍ୟବସିତ ଥିଲା। ଅନ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିର୍ଦ୍ଦେଶକ ଅରୁଣ ମଲ୍ଲିକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ପରିଚାଳିକା ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସଂହତି ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଚନ୍ଦ୍ରଭାଗା ବେଳାଭୂମିରେ ୧୦ମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକୁ ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ, କ୍ରୀଡା ମନ୍ତ୍ରୀ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଅସ୍ତରଙ୍ଗ ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବାଲୁକା ଶିଳ୍ପୀଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକା କଳା ଷ୍ଟଲ ଓ ଫଟୋ ଗ୍ୟାଲେରି ବୁଲି ଦେଖିଥିଲେ। ମହୋତ୍ସବରେ ଓଡ଼ିଶା ତଥା ବିଭିନ୍ନ ରାଜ୍ୟରୁ ୧୦୦ଜଣ ବାଲୁକା ଶିଳ୍ପୀ ଯୋଗଦେବା ସହ ୩୦ଟି ବାଲୁକା ଷ୍ଟଲ ପ୍ରଦର୍ଶିତ ହୋଇଛି। ବାଲୁକା ଶିଳ୍ପୀମାନେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ଉପରେ ସୁନ୍ଦର ବାଲୁକା କଳାକୃତି ପର୍ଯ୍ୟଟକଙ୍କ ମନକୁ ବେଶ୍ ଛୁଇଁଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ପି କନଓ୍ୱର ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଡିଏସ୍‌ପି ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ବିଳମ୍ବ ନେଇ ଯନ୍ତ୍ରୀ ଅସନ୍ତୁଷ୍ଟ

ଗୋପ,୧।୧୨(ଡି.ଏନ୍.ଏ.)



ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବ୍ରତ ବେହେରା ତରଙ୍ଗିରା ନିକଟରେ କାମ ଅନୁଧ୍ୟାନ କରୁଛନ୍ତି ।

ଗୋପ ବ୍ଲକ ଅଞ୍ଚଳରେ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳା ଯୋଗୁ କାର୍ଯ୍ୟ ଅଗ୍ରଗତି ହେଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବ୍ରତ ବେହେରା ବୁଧବାର ଅପରାହ୍ନରେ ତରଙ୍ଗିରା ନିକଟରେ କାମ ହେଉଥିବା ବିଦ୍ୟାଳୟ କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ଶୀଘ୍ର କାମ ସାରିବା ଲାଗି ତାଗିଦ କରିଥିଲେ। ବଳଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀଙ୍କୁ ଏହି କାର୍ଯ୍ୟଭାର ଦିଆଯାଇଥିବାରୁ ଏପରି ଅବସ୍ଥା ହେଉଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ୨୦୨୧ ଫେବୃୟାରୀ ୨୭ରେ ଏହି ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୨ ମାସ ମଧ୍ୟରେ ସ୍କୁଲ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମାନଙ୍କ ମଧ୍ୟରେ ବିବାଦ ଯୋଗୁ କାର୍ଯ୍ୟ ଆଗେଇପାରୁ ନାହିଁ। ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ସ୍କୁଲଟି ଥିବାବେଳେ କାହିଁକି ବଳଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିବା ପ୍ରଶ୍ନ ହେଉଛି। ଅପରପକ୍ଷେ ପିପିଲି ଅଞ୍ଚଳର ଜଣେ ଠିକାଦାର ଏହି ସାଢ଼େ ୭ କୋଟି ଟଙ୍କାରେ ଏହି କାର୍ଯ୍ୟକୁ ନେଇ ସ୍ଥାନିୟ ଠିକାଦାରଙ୍କୁ ଦେଇଥିବା ଅଭିଯୋଗ ରହିଛି। ପ୍ରାୟ ୯ ମାସ ଧରି ସ୍କୁଲ କାର୍ଯ୍ୟ ମାତ୍ର ୧୦ ପ୍ରତିଶତ ମଧ୍ୟ ହୋଇ ନାହିଁ। ଏହିସବୁ ଅଭିଯୋଗ ପାଇ ଅଧୀକ୍ଷଣ ଯନ୍ତ୍ରୀ ତରଙ୍ଗିରାରେ ପହଞ୍ଚି ବିଦ୍ୟାଳୟ କାର୍ଯ୍ୟ ଦେଖିଥିଲେ। ଏହି ଗସ୍ତ ସମୟରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ ଦଳାଇ, କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ, ସହିତ କାର୍ଯ୍ୟ ଦେଖୁଥିବା କନିଷ୍ଠ ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନଗୋ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ବେହେରା କହିଛନ୍ତି, ଖୁବଶୀଘ୍ର କାର୍ଯ୍ୟ ହେବ। ଯନ୍ତ୍ରୀ କ'ଣ ଲାଗି ବଦଳାଯାଇଛି ସେ ସମ୍ପର୍କରେ ତଦନ୍ତ କରି କାର୍ଯାନୁଷ୍ଠାନ ନିଆଯିବ ବୋଲି କହିଥିଲେ। କିନ୍ତୁ ଏହି ସ୍କୁଲ କାର୍ଯ୍ୟ ନିମ୍ନମାନର ଓ କନିଷ୍ଠଯନ୍ତ୍ରୀ ଙ୍କୁ ବଦଳାଯିବା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗ କରାଯିବ ବୋଲି କହିଛନ୍ତି।

## ଜାତୀୟ ଖାଦ୍ୟ ସୁରକ୍ଷା ସୂଚକାଙ୍କରେ ଅଗ୍ରଗତି

### ୪ର୍ଥ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର, ୧।୧୨(ବ୍ୟୁରୋ):

ବିଭିନ୍ନ ଖାଦ୍ୟ ସୁରକ୍ଷା ପଦକ୍ଷେପ ଯୋଗୁ ଜାତୀୟ ଖାଦ୍ୟ ସୁରକ୍ଷା ସୂଚକାଙ୍କରେ ଓଡ଼ିଶା ଅଗ୍ରଗତି ହାସଲ କରିଛି। ୨୦୧୮–୧୯ରେ ୨୬ତମ ସ୍ଥାନରେ ଓଡ଼ିଶା ରହିଥିବାବେଳେ ୨୦୧୯–୨୦ରେ ୧୩ତମ ଏବଂ ୨୦୨୦–୨୧ରେ ୪ର୍ଥ ସ୍ଥାନରେ ରହିଛି ରାଜ୍ୟ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖାଦ୍ୟ ସୁରକ୍ଷା ଆଡ୍‌ଭାଇଜରି କମିଟି ବୈଠକରୁ ଏହା ଜଣାପଡ଼ିଛି।

ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୦–୨୧ ବର୍ଷରେ ୩୦୪୯ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ଏଥିରୁ ୫୭୬ଟି ନମୁନା ମିସ୍‌ବ୍ରାଣ୍ଡିଂ ଭାବେ ବୁକ୍ କରାଯାଇଛି। ସେହିପରି ୨୦୨୧–୨୨ ଅକ୍ଟୋବର ସୁଦ୍ଧା ୧୯୮୪ ନମୁନାରୁ ୪୪୬ଟିକୁ ବୁକ୍ କରାଯାଇଛି। ଏହାବାଦ୍ ୨୮୦ଟି ମାମଲାରେ ଜରିମାନା ଆଦାୟ କରାଯାଇଛି। ମୋଟ୍ ୨୨,୦୭୬ ଫୁଡ୍ ବିଜନେସ୍ ଅପରେଟରଙ୍କୁ ଅନ୍‌ଲାଇନ୍ ଲାଇସେନ୍ସ ପ୍ରଦାନ କରାଯାଇଛି। ୮୩ ହଜାର ୨୮୫ ଏଫ୍‌ବିଓଗୁଡ଼ିକୁ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି।

ନିରାପଦ ଖାଦ୍ୟ ପ୍ରସ୍ତୁତି ଲାଗି ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡରମାନଙ୍କୁ ତାଲିମ୍ ପ୍ରଦାନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଷାକ୍ତ ଖାଦ୍ୟର ପ୍ରଭାବ ସମ୍ପର୍କରେ ଭେଣ୍ଡରଙ୍କୁ ସଚେତନ କରିବାକୁ କୁହାଯାଇଛି। ସେହିପରି ଫୁଡ୍ ବିଜନେସ୍ ଅପରେଟର ଏବଂ ଷ୍ଟ୍ରିଟ୍ ଭେଣ୍ଡରଙ୍କ ଦ୍ୱାରା ନିରାପଦ ଖାଦ୍ୟ ବିକ୍ରୟ ଉପରେ ନଜର ରଖିବା ପାଇଁ ନିୟମିତ ଜିଲାସ୍ତରୀୟ ଖାଦ୍ୟ ସୁରକ୍ଷା ବୈଠକ କରିବାକୁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ସୁରକ୍ଷା କମିଶନର ଯାମିନୀ ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟ ଖାଦ୍ୟ ଯାଞ୍ଚ ପରୀକ୍ଷାଗାରର କ୍ଷମତାକୁ ବୃଦ୍ଧି କରାଯାଇଛି। ବିଭିନ୍ନ ମେଳା, ସର୍ବସାଧାରଣ ଉତ୍ସବ ଏବଂ ପର୍ବପର୍ବାଣି ଆଦିରେ ମୋବାଇଲ୍ ଫୁଡ୍ ଟେଷ୍ଟିଂ ଲାବ୍ କାର୍ଯ୍ୟ କରୁଛି। ବୈଠକରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ରାଜ୍ କୁମାର ଶର୍ମା, ଆଇନଶୃଙ୍ଖଳା ଏଡିଜି ରାଧାକିଷାନ ଶର୍ମାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଗୋଟିଏ ବଖରା ଜଳିଗଲା

ଡେଲାଙ୍ଗ,୧।୧୨(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବୋଳକଣା ଗ୍ରାମର ଲକ୍ଷ୍ମୀଧର ଜେନାଙ୍କ ଗୁହାଳ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗୁହାଳ ଜଳିଯାଇଛି। ଏଥିରେ ଗୋଖାଦ୍ୟ ଓ ଲଙ୍ଗଳ, ଜୁଆଳି ପ୍ରଭୃତି ଜିନିଷ ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମଶାଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆର୍‌ଆଇ ମାଧବ ସ୍ୱାଇଁ ବିପନ୍ନ ପରିବାରଙ୍କ ପଲିଥିନ ପ୍ରଦାନ କରିବା ସହ ସରକାରୀ ସହାୟତା ଦେବା ପାଇଁ ଆଶ୍ୱାସନା ଦେଇଛନ୍ତି ।

## କୋଣାର୍କ ଉତ୍ସବ ଲାଗି ଗଣଦୌଡ଼

କୋଣାର୍କ,୧।୧୨(ଡି.ଏନ୍.ଏ.)

କୋଣାର୍କ ଉତ୍ସବ ପରିପ୍ରେକ୍ଷୀରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସହାୟତାରେ ସାମାଜିକ ସଂଗଠନ ବସନ୍ତ ମଞ୍ଜରୀ ପାଠାଗାର ଆନୁକୂଲ୍ୟରେ ଏକ ବିଶାଳ ଗଣଦୌଡ଼ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବତୀ ଯୁବକଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ପାଇଁ ଆୟୋଜିତ ଏହି ଗଣଦୌଡ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଶୁଭାରମ୍ଭ ହୋଇ ଚନ୍ଦ୍ରଭାଗାରେ ଶେଷ ହୋଇଛି। ସଂଗଠନର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଗୋପ ତହସିଲଦାର ଏସ୍.କେ. ସାଗିର, କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକ, କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟ ଶଙ୍କର ଜୋଷୀ, ରଶ୍ମିରଞ୍ଜନ ବିଶ୍ୱାଳ, ହରିଶ୍ଚନ୍ଦ୍ର ଦାଶ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି ଓ ପଦ୍ମଚରଣ ବେଉରା ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ଚନ୍ଦ୍ରଭାଗାରେ ପୁରୀ ଜିଲା ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳନ ସହ ଯୁବଗୋଷ୍ଠୀଙ୍କୁ ନେଇ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବସନ୍ତ ମଞ୍ଜରୀ ପାଠାଗାରର ସମ୍ପାଦକ ରାମକୃଷ୍ଣ ମହାନ୍ତି ଓ କର୍ମକର୍ତ୍ତା ପରିଚାଳନା କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନିଶାଦ୍ରବ୍ୟ ବିକ୍ରି କରି ୩ ଗିରଫ

ପୁରୀ ଅଫିସ, ୧।୧୨:

ଗଞ୍ଜେଇ ଚାଲାଣ ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉକ୍ତ ଥାନା ଅନ୍ତର୍ଗତ ଚାଳିଶିବାଟିଆର ମାଗୁଣି ବେହେରା ଓ ଦୁର୍ଯ୍ୟୋଧନ ପଲେଇ। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ୧୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଏବଂ ଏକ ନମ୍ବର ବିହୀନ ସ୍କୁଟି ଜବତ କରିଛି। ଏନେଇ କେସ୍ ନଂ. ୩୭୦/୨୧ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ପୋଲିସ ପକ୍ଷରୁ ନରସିଂହପୁର ଛକରେ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଏକ ଜରିବସ୍ତାରେ ଗଞ୍ଜେଇ ନେଇ ଯାଉଥିଲେ। ଯାଞ୍ଚ ବେଳେ ପୋଲିସ ଏହା ଦେଖିବାକୁ ପାଇ ଉଭୟଙ୍କୁ ଗିରଫ କରିଥିଲା। ଚନ୍ଦନପୁର ଅଞ୍ଚଳରେ ଉକ୍ତ ଗଞ୍ଜେଇ ବିକିବାକୁ ଆଣିଥିବା ସେମାନେ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସେହିପରି ବାସେଳିସାହି ଥାନା ପୋଲିସ ବେଆଇନ ଭାବେ ଭାଙ୍ଗ ବିକିବା ଅଭିଯୋଗରେ ପାଣିକାତ ଲେନ୍‌ର ରବିନାରାୟଣ ସେନାପତିଙ୍କୁ ଗିରଫ କରିଛି। ତାଙ୍କଠାରୁ ୭କେଜି ଭାଙ୍ଗ, ବାଲ୍‌ତି ଏବଂ ଗୋଟିଏ ଗ୍ରାଇଣ୍ଡର ଜବତ ହୋଇଛି। ପୋଲିସ ଏ ନେଇ କେସ୍ ନଂ. ୨୧୦/୨୧ ରୁଜୁ କରିଛି।




ବିଶ୍ୱ ଏଡ୍‌ସ ଦିବସ ଅବସରରେ ବୁଧବାର ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।



ସରକାରୀ କର୍ମଚାରୀ ଘୋଷଣା ସହ ୫ ଦଫା ଦାବିରେ ବୁଧବାର ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।



କଟକ ରାଣୀହାଟ ପୋଲ ଫୁଟ୍‌ପାଥରେ ମାର୍ଗଶିର ମାସ ଗୁରୁବାର ପାଇଁ ଜଣେ ମହିଳା ଧାନବେଣ୍ଟା ଓ ପୂଜା ସାମଗ୍ରୀ କିଣୁଛନ୍ତି।

## ବନଦୁର୍ଗାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଖୁଣ୍ଟୁଣୀ,(ଡି.ଏନ.ଏ.): ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲ ଶବରସାହିରେ ମା’ ହରିବୋଲେଇ ବନଦୁର୍ଗାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ଘଟସ୍ଥାପନ, ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ ସହ ପୂର୍ଣ୍ଣାହୁତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧୨୮୦ ଗ୍ରାମ ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ

**କଟକ ଅଫିସ,୧।୧୨:** ଗଞ୍ଜେଇ ବିକ୍ରି ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ନିମପୁର ନୂତନ ବସ୍ତିର ଶିବ ଓରଫ ଦେବାଶିଷ ମୁଖୀ(୩୦)। ତାଙ୍କଠାରୁ ୧କେଜି ୨୮୦ଗ୍ରାମ ଓଜନର ଗଞ୍ଜେଇ ଓ ୩୩୦୦ ଟଙ୍କା ଜବତ କରାଯାଇଛି। ଉକ୍ତ ବସ୍ତିରେ ଦେବାଶିଷ ଗଞ୍ଜେଇ ବିକ୍ରି କରୁଥିବା ପୋଲିସ ଖବର ପାଇଥିଲା। ପରେ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

### ଉର୍ଦ୍ଦୁ ପାଠାଗାର ୱାକଫ୍ ବୋର୍ଡକୁ ହସ୍ତାନ୍ତର ଦାବି

**କଟକ ଅଫିସ,୧।୧୨:** ଉର୍ଦ୍ଦୁ ଶିକ୍ଷା ବଞ୍ଚାଅ ଅଭିଯାନ କମିଟି ପକ୍ଷରୁ ବକ୍ସିବଜାରସ୍ଥିତ ପାନ୍ଥନିବାସରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉର୍ଦ୍ଦୁ ଇଣ୍ଟଗ୍ରେଟି ବିଇଡି ଏଲିମେଣ୍ଟ ଖୋଲାଯାଉ, ଅଲିମ ପରିବର୍ତ୍ତେ ଫଜିଲ ଯୋଗ୍ୟତାଧାରୀ ପିଲାଙ୍କୁ ହାଇସ୍କୁଲରେ ନିଯୁକ୍ତି ଦିଆଯାଉ, ଉର୍ଦ୍ଦୁ ଶିକ୍ଷକ ଓ ଅଧ୍ୟାପକ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉ, ଉର୍ଦ୍ଦୁ ପାଠାଗାର ୱାକଫ୍ ବୋର୍ଡକୁ ହସ୍ତାନ୍ତର କରାଯାଉ ବୋଲି କମିଟି ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି ସମ୍ମିଳନୀରେ ଡ. ହୁସେନ ରବି ଗାନ୍ଧୀ, ଅବ୍‌ଦୁଲ ଅହଦ, ଫିରୋଜ ଖାନ୍, ଏସ୍‌କେ ନବାବ ଅଲି ପ୍ରମୁଖ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**କଟକ ଅଫିସ, ୧।୧୨:** ଜଗତପୁରସ୍ଥିତ ନିମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏନ୍‌ସିସି ପକ୍ଷରୁ ବୁଧବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କମାଣ୍ଡିଂ ଅଫିସର ଲ୍ୟୁଟ୍‌ନାଣ୍ଟ କଲୋନେଲ ସୌମ୍ୟ ପ୍ରକାଶ ଓତା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତା ସମ୍ପର୍କରେ କହିଥିଲେ। ଏଥିସହ ରକ୍ତଦାନ, ଅଙ୍ଗଦାନ ଓ ଚାରାରୋପଣ ଭଳି ଜନହିତକର କାର୍ଯ୍ୟରେ ସାମିଲ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ନାୟକ, ଏନ୍‌ସିସି ଶିକ୍ଷକ ସୂର୍ଯ୍ୟନାରାୟଣ ସାହୁଙ୍କ ସମେତ ବିଦ୍ୟାମନ୍ଦିରର ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନାମ ଚରଣ ଦାସ ଧନ୍ୟବାଦ ଦେଇଥିଲା।

### କନ୍ଦରପୁର କଲେଜର ପ୍ରତିଷ୍ଠା ଦିବସ ପାଳିତ

**କଟକ ସଦର,୧।୧୨(ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ୪୪ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସାରଦା ପ୍ରସନ୍ନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂହ ମୁଖ୍ୟଅତିଥି ଓ ମିଶନଶକ୍ତି ସଂଯୋଜକ ଶରତ ରାୟ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଡ. ଅଲେଖ ଚନ୍ଦ୍ର ସାହୁ ବିବରଣୀ ପ୍ରଦାନ ଓ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରତାପ କେଶରୀ ଦାସ, ବିଷ୍ଣୁପ୍ରିୟା ରାଉତରାୟ ଓ ପ୍ରତିଭା ନଳିନୀ ନନ୍ଦଙ୍କ ସଂଯୋଜନାରେ ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ବିଶ୍ୱ ଏଡ୍‌ସ ଦିବସ ଅବସରରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ କନ୍ଦରପୁର ବଜାର ପରିକ୍ରମା କରି ଏଡ୍‌ସର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଜଗଦେବ, ଅମିୟ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।






କୋଣାର୍କ ଉତ୍ସବ ସହ ଚନ୍ଦ୍ରଭାଗା ବେଳାଭୂମିରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବକୁ ଉଦ୍‌ଘାଟନ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

# ଗଜାନନ ସ୍ତୁତି, ନୃତ୍ୟାଭିନୟରୁ ଆରମ୍ଭ

## କୋଣାର୍କ ଉତ୍ସବ ଉଦ୍‌ଘାଟିତ

■ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ଭାଗନେଲେ ୧୦୦

କୋଣାର୍କ,୧।୧୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଭିଡ୍ କଟକଣାରେ ୩୨ତମ କୋଣାର୍କ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ଉତ୍ସବ ୨୦୨୧ରେ ପ୍ରମୁଖ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍‌ଘାଟନୀ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଦିଲ୍ଲୀ ଅବସ୍ଥାପିତ ଓଡ଼ିଶୀ ନୃତ୍ୟା ବିଦୂଷୀ ମାଧବୀ ମୁଦ୍ଗଲ ଓ ସାଥୀ ଲାସ୍ୟ ଓ ତାଣ୍ଡବ ନୃତ୍ୟ ଶୈଳୀରେ ସମୃଦ୍ଧ ନର୍ତ୍ତନ ଗଣେଶ ଉପସ୍ଥାପିତ କରିଥିଲେ। ପରେ ମାଧବୀଙ୍କ ଦ୍ୱିତୀୟ ପ୍ରସ୍ତୁତି ଥିଲା ଶୁଦ୍ଧ ନୃତ୍ୟ ପଲ୍ଲବୀ। କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ରଚିତ ବାତ୍ସଲ୍ୟରସ ଆଧାରିତ ‘ଉଠିଲୁ ଏଡେ ବେଗେ କାହିଁକିରେ’ ଦୁଃଖୀଧନର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଓଡ଼ିଶୀର ଅନ୍ତିମ ଉପସ୍ଥାପନାରେ ପରିବେଷିତ ହୋଇଥିଲା ତ୍ରୟି। ହିନ୍ଦୁସ୍ଥାନୀ ସଙ୍ଗୀତ ଆଧାରିତ ବସନ୍ତ ଗ୍ରୀଷ୍ମ ଓ ବର୍ଷା ଋତୁର ବର୍ଣ୍ଣନାରେ ଏହି ନୃତ୍ୟ ସଂଯୋଜନା ବେଶ ମନଛୁଆଁ ଥିଲା।

ଦ୍ୱିତୀୟ ଚରଣରେ କଥକ ନୃତ୍ୟଶିଳ୍ପୀ ଭାସ୍ୱତୀ ମିଶ୍ର ଓ ସାଥୀମାନେ ଶିବ ପଞ୍ଚାକ୍ଷର ନୃତ୍ୟ କରିଥିଲେ। ଏହାପରେ ମଞ୍ଚସ୍ଥ ହୋଇଥିଲା ରସମଞ୍ଜରୀ, ସ୍ୱାଧୀନ ପତିକା ଖଣ୍ଡିତା ଓ ବାସକସଜ୍ଜିକା ନାୟିକାର ନିଖୁଣ ପ୍ରକାଶ ଏକ ଭିନ୍ନ ଆବେଗ ସୃଷ୍ଟି କରିଥିଲା। କଥକର ଅନ୍ତିମ ଉପସ୍ଥାପନା ଥିଲା ତରନା ଯାହା ରାଗ-ବାହାର ଓ ତାଲ-ତିନତାଲ ଉପରେ ପର୍ଯ୍ୟବସିତ ଥିଲା। ଅନ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିର୍ଦ୍ଦେଶକ ଅରୁଣ ମଲ୍ଲିକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ପରିଚାଳିକା ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସଂହତି ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଚନ୍ଦ୍ରଭାଗା ବେଳାଭୂମିରେ ୧୦ମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକୁ ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ, କ୍ରୀଡା ମନ୍ତ୍ରୀ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବାଲୁକା ଶିଳ୍ପୀଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକା କଳା ଷ୍ଟଲ ଓ ଫଟୋ ଗ୍ୟାଲେରି ବୁଲି ଦେଖିଥିଲେ। ମହୋତ୍ସବରେ ଓଡ଼ିଶା ତଥା ବିଭିନ୍ନ ରାଜ୍ୟରୁ ୧୦୦ଜଣ ବାଲୁକା ଶିଳ୍ପୀ ଯୋଗଦେବା ସହ ୩୦ଟି ବାଲୁକା ଷ୍ଟଲ ପ୍ରଦର୍ଶିତ ହୋଇଛି। ବାଲୁକା ଶିଳ୍ପୀମାନେ ଭାରତୀୟ ସଂସ୍କୃତି ଓ ଐତିହ୍ୟ ଉପରେ ସୁନ୍ଦର ବାଲୁକା କଳାକୃତି ପର୍ଯ୍ୟଟକଙ୍କ ମନକୁ ବେଶ୍ ଛୁଇଁଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ପି କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଡିଏସ୍‌ପି ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସମ୍ଭାବ୍ୟ ବାତ୍ୟା ପାଇଁ ସଜାଗ ରୁହ

### ପଞ୍ଚାୟତ ସମିତି ବୈଠକ

ନିଶ୍ଚିନ୍ତକୋଇଲି,୧।୧୨(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଏକାଦଶ ବୈଠକ ଭର୍ଚୁଆଲ ମାଧ୍ୟମରେ ବ୍ଲକ ଅଧ୍ୟକ୍ଷା ସବିତା ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ କର୍ଣ୍ଣଦେବ ସମାଦ୍ଦାର ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ପରେ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ସରପଞ୍ଚ ନିଜ ନିଜ ଅଞ୍ଚଳର ସମସ୍ୟା ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଚିଠା ପ୍ରସ୍ତାବ ଆଗତ କରିଥିଲେ। କରୋନାର ନୂଆ ଭାଇରସ ଭୟାନକ ରୂପ ନେଉଥିବାରୁ ପରିସ୍ଥିତି ପ୍ରତି ସଜାଗ ରହିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଲୋକ ପ୍ରତିନିଧିମାନଙ୍କୁ ସଚେତନ କରାଯାଇଥିଲା। ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ସଜାଗ ରହିବାକୁ କୁହାଯାଇଥିଲା। ଏଥିରେ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରମାକାନ୍ତ ମହାନ୍ତି, ଜିଲା ପରିଷଦ ସଭ୍ୟା ସୁଭଦ୍ରା ଦାସ, ଜାହିର ମହମ୍ମଦ, ସବିତା ସାମଲ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଏବିଡିଓ ସୁଶାନ୍ତ ରଣା ସ୍ୱାଗତ ଭାଷଣ ଓ ଜିପିଓ ଜନ୍ମେଜୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଗ୍ୟାରେଜ୍‌ରୁ ତୈଳବାହୀ ଟ୍ୟାଙ୍କର ଚୋରି

ଖୁଣ୍ଟୁଣୀ,୧।୧୨(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅଧୀନ କଣ୍ଟାବନ୍ଧ ଠାରେ ଥିବା ଏକ ପରିତ୍ୟକ୍ତ ଗ୍ୟାରେଜରୁ ୧୦ ଚକିଆ ତୈଳବାହୀ ଟ୍ୟାଙ୍କର ଚୋରି ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ଉକ୍ତ ଟ୍ୟାଙ୍କରରେ ତେଲ ନ ଥିଲା। ଏହାକୁ ମାଲିକ କଟକ ସମାଧିପାଟଣାର ଦେବଦତ୍ତ ବେଉରା ଗତ କାଳୀପୂଜା ଦିନ ଉକ୍ତ ଗ୍ୟାରେଜରେ ରଖିଦେଇ ଯାଇଥିଲେ। ସେହି ଦିନଠାରୁ ସେ ଗ୍ୟାରେଜକୁ ଆସି ନ ଥିଲେ। ବୁଧବାର ଅପରାହ୍ନରେ ଆସି ଦେଖିବାରୁ ଟ୍ୟାଙ୍କର ନ ଥିଲା। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ସେ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## ପଞ୍ଚାୟତ ଅଫିସ ତାଲା ଭାଙ୍ଗି ଲୁଟ୍

ନିଶ୍ଚିନ୍ତକୋଇଲି,୧।୧୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ମଣିଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରୁ ମଙ୍ଗଳବାର ରାତିରେ ତାଲାକାଟି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଓ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିବା କିଶନନଗର ଥାନାରେ ଅଭିଯୋଗ ହୋଇଛି। ଫଳରେ ଶତାଧିକ ଅସହାୟ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରିନାହିଁ। ପଞ୍ଚାୟତ କାର୍ଯ୍ୟାଳୟର ୪ ତାଲାକୁ କାଟି ଦୁର୍ବୃତ୍ତମାନେ ଭିତରୁ ସିସିଟିଭି କ୍ୟାମେରା, ଏସି, ଗୋଟିଏ ଏଲ୍‌ଇଡି ଟିଭି ସମେତ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। କଟକରୁ ଏକ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କାର୍ଯ୍ୟାଳୟରେ ଦୁର୍ବୃତ୍ତମାନେ ଗୋଟିଏ ପେଚକସ ଓ କୁ ଛାଡି ଯାଇଛନ୍ତି। ଏହି ପଞ୍ଚାୟତର ଲୋକେ ରଘୁନାଥପୁର ବ୍ଲକରୁ ଭତ୍ତା ପାଇଥାନ୍ତି। ମଙ୍ଗଳବାର ସକାଳେ କ୍ୟାସଭ୍ୟାନ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଭତ୍ତା ବାବଦରେ ୧ ଲକ୍ଷ ୮୧ ହଜାର ଟଙ୍କା ଦେଇଯାଇଥିଲେ। ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ ବିକାଶ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ଟଙ୍କାରୁ କେତେଜଣଙ୍କୁ ଭତ୍ତା ବାବଦରେ ବଣ୍ଟନ କରାଯାଇଥିଲା।

ଅପରପକ୍ଷରେ ପଞ୍ଚାୟତ ନିମନ୍ତେ ଭତ୍ତା ବାବଦରେ ଆସିଥିବା ୨ଲକ୍ଷ ୩ ହଜାର ଟଙ୍କା ଓ ଅନ୍ୟ ବାବଦରେ ରହିଥିବା ପ୍ରାୟ ୨ ଲକ୍ଷ ୧୦ ହଜାର ଟଙ୍କା ଚୋରି ହୋଇଛି। ଏ ସମ୍ପର୍କରେ ସରପଞ୍ଚ ରଞ୍ଜିତା ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ଆଇଆଇସି ସସ୍ମିତା ରଣା କହିଛନ୍ତି। ତେବେ ଏତଲା ହୋଇ ନ ଥିଲା ବେଳେ ପୋଲିସ କିପରି ଘଟଣାର ତଦନ୍ତ କଲା, ପୋଲିସ ଏକ ରେଞ୍ଚି ଓ ପେଚକସ୍ ଉଦ୍ଧାର କଲା ତାହା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ଚୋରିକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଲୁକ୍କାୟିତ ରହସ୍ୟ ଉନ୍ମୋଚନ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ପଦଯାତ୍ରାରେ ଏଡ୍‌ସ ସଚେତନତା

କଟକ ଅଫିସ, ୧।୧୨

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ କଲେଜ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏଚ୍‌ଆଇଭି ନିୟନ୍ତ୍ରଣ ଉପରେ ପ୍ରାଚୀରପତ୍ର ‘ଅନନ୍ୟା’ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏଥିସହ ଛାତ୍ରୀଛାତ୍ରମାନେ ପଦଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ଏଡ୍‌ସ ସମ୍ପର୍କରେ ସଚେତନତା ବାର୍ତ୍ତା ଦେବା ସହ ପଦ୍ମିନୀ କେୟାର ହସ୍ପିଟାଲ ନିକଟରେ ପହଞ୍ଚିଥିଲେ। ସେଠାରେ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା ଏଚ୍‌ଆଇଭି ନିୟନ୍ତ୍ରଣ ଓ ସଚେତନତା ସୃଷ୍ଟି କରିବାରେ ନର୍ସିଂ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପିକା ଟିଣ୍ଟୁ ଆନିମାଥ୍ୟୁସ, ପ୍ରାଧାପିକା ସୁଦେଷ୍ଣା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷା ଡ. ପି. କଙ୍ଗନେଶ୍ୱରୀ, ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ, ପ୍ରାଧାପକ ବିନୁ ଜ୍ୟାଭିୟର, ଡ. ବିଶ୍ୱଜିତ୍ କାନୁନ୍‌ଗୋ, ଡା. ମେହେବୁବ ଅଲ୍ଲୀ, ଜଗଦୀଶ ପତି ପ୍ରମୁଖ ଉପସ୍ଥିତ ଥିଲେ।

ଏନ୍‌ଏସ୍‌ଏସ୍ ବ୍ୟୁରୋ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଡ. ଭାଗବତ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ଏଡ୍‌ସ ବିଷୟରେ ସ୍ଲୋଗାନ ଦେଇ କ୍ୟାମ୍ପସ ପରିକ୍ରମା କରିଥିଲେ। ଏହି ଅବସରରେ ଆୟୋଜିତ ଦସ୍ତଖତ ସଂଗ୍ରହ ଅଭିଯାନରେ ୧ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ କରିଥିଲେ। ସେହିପରି ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ମଧୁସୂଦନ ପ୍ରେକ୍ଷାଳୟରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ଅଧ୍ୟକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ, ଶିଶୁ ରୋଗ ବିଶେଷଜ୍ଞ ନିବେଦିତା ପଟ୍ଟନାୟକ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ସଭା ପରିଚାଳନା, ପଦ୍ମଜା ଜଗତି ଅତିଥି ପରିଚୟ ଓ ମେକାରାଣୀ ସାହୁ ଧନ୍ୟବାଦ ଦେଇଥିଲେ। କଟକ ବାଲିଯାତ୍ରା ପଡିଆରୁ ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏଡ୍‌ସ ସଚେତନତା ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ସେହିପରି ଉତ୍କଳ ସେବକ ସମାଜ ପକ୍ଷରୁ ଶିଖରପୁରସ୍ଥିତ ନ୍ୟୁ ମାଲଗୋଦାମ ପରିସରରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି।




ବାଲିଯାତ୍ରା ପଡ଼ିଆରୁ ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଓଟିଏମ୍ ହାଇସ୍କୁଲରେ ଏଡ୍‌ସ ସଚେତନତା

ଚୌଦ୍ୱାର,୧।୧୨(ଡି.ଏନ୍.ଏ)

ଚୌଦ୍ୱାର ଓଟିଏମ୍ ହାଇସ୍କୁଲର ଏନ୍‌ସିସି ଉଇଙ୍ଗ ପକ୍ଷରୁ ସ୍ୱଚ୍ଛତା ମିଶନ୍ ଓ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ସୌମ୍ୟ ପ୍ରକାଶ ଓତା ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ସ୍ୱେଚ୍ଛାକୃତ ରକ୍ତଦାନ ଓ ଅଙ୍ଗଦାନ ସମ୍ପର୍କରେ ଉପସ୍ଥିତ କ୍ୟାଡେଟ, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ବୁଝାଇଥିଲେ। ଶିକ୍ଷକ ନିରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଜିତେନ୍ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଓଟିଏମ୍ କଲୋନୀବାସୀଙ୍କୁ ଏଡ୍‌ସର ଭୟାବହତା ସମ୍ପର୍କରେ ସଚେତନ କରିଥିଲେ।




ବିଶ୍ୱ ଏଡ୍‌ସ ଦିବସ ଅବସରରେ ବୁଧବାର ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।



ସରକାରୀ କର୍ମଚାରୀ ଘୋଷଣା ସହ ୫ ଦଫା ଦାବିରେ ବୁଧବାର ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।



କଟକ ରାଣୀହାଟ ପୋଲ ଫୁଟ୍‌ପାଥରେ ମାର୍ଗଶିର ମାସ ଗୁରୁବାର ପାଇଁ ଜଣେ ମହିଳା ଧାନବେଣ୍ଟା ଓ ପୂଜା ସାମଗ୍ରୀ କିଣୁଛନ୍ତି।

